193

# ଇଂଲଣ୍ଡ ଆଇରଲାଣ୍ଡ ଚୁକ୍ତି

ଇଂଲଣ୍ଡକୁ ଆଇରଲଣ୍ଡର ସରକାର ବାର୍ଷିକ ୧୫୦୦୦୦୦ ପାଉଣ୍ଡ ଦେଉଥିଲେ। ଆଇରଲଣ୍ଡ ଫ୍ରିଷ୍ଟେଟ ହେଲେ ଇଂଲଣ୍ଡ ସରକାରଙ୍କ ଚୁକ୍ତିରେ ଥିଲା ଯେ ଅବସ୍ଥାରେ ଇଂଲଣ୍ଡ ସରକାର ଏହି ଟଙ୍କା ଆଇରଲଣ୍ଡର କୃଷକମାନଙ୍କ ଜମି କିଣିବା ନିମିତ୍ତ ଋଣ ଦେଇଥିଲେ। ଆଇରଲଣ୍ଡର ସରକାର ସେତେବେଳେ ଚୁକ୍ତି କରିଥିଲେ ଯେ ଏହି ଟଙ୍କା ସୁଧ ସହିତ ସେ କୃଷକମାନଙ୍କଠାରୁ ଅସୁଲ କରି ଇଂଲଣ୍ଡ ସରକାରଙ୍କୁ ପ୍ରତି ବର୍ଷ ଚୁକ୍ତି ମୁତାବକ କିସ୍ତି କିସ୍ତି ପରିଶୋଧ କରୁଥିବେ। ଡେଭେଲେରା ଏହାପରେ ଗଲେ। ଗତବର୍ଷ ଡି ଭେଲେରା ସରକାରୀ ଦାୟିତ୍ୱ ଗ୍ରହଣ କରି ଆଇରଲଣ୍ଡର ପ୍ରେସିଡେଣ୍ଟ ହେଲେ। ସେ ଏହି ଟଙ୍କା ପରିଶୋଧ କରିବାପାଇଁ ନାସ୍ତି କଲେ। ଦୁଇ ସରକାରଙ୍କ ମଧ୍ୟରେ ଟଣା ଓଟରା ଲାଗିଲା। ଡି ଭେଲେରା କୌଣସି ପ୍ରସ୍ତାବରେ ମଙ୍ଗିଲେ ନାହିଁ। କହିଲେ ଇଂଲଣ୍ଡ ସରକାରଙ୍କର ଏ ଟଙ୍କା ପ୍ରଜାଙ୍କ ଉପକାରାର୍ଥେ ଋଣ ଦିଆଯାଇଛି। ବର୍ତ୍ତମାନ ସେ ଟଙ୍କା ଉପରେ ତାଙ୍କର କିଛି ଦାବି ନାହିଁ। ସେ ଏହି ଧରଣର ଟଙ୍କା ଦେବେ ନାହିଁ। ଇଂଲଣ୍ଡ ସରକାର କେତେଥର ଅଟୋୱା ଦେଶରେ ପ୍ରସ୍ତାବ କଲେ। ଧମକାଇଲେ କିନ୍ତୁ ଡି ଭେଲେରା ଅଟଳ। ବୈଠକ ସଙ୍ଗେ ସମ୍ମିଳନ ହେଲା ଫଳ କିଛି ହେଲା ନାହିଁ। ଶେଷରେ ଇଂଲଣ୍ଡ ସରକାର ଆଇରଲଣ୍ଡ ସହିତ ବାଣିଜ୍ୟରେ ବାଧା ଦେବା ଉଦ୍ଦେଶ୍ୟରେ ଶୁଳ୍କ ବସାଇ ଦେଲେ। ଆଇରଲଣ୍ଡ ସରକାର ମଧ୍ୟ ତାଙ୍କ ଦେଶକୁ ଆମଦାନି କରୁଥିବା ମାଲ ଉପରେ ଶୁଳ୍କ ଦୁଇ ଗୁଣ ବଢ଼ାଇ ଦେଲେ। ବିଲାତ ସରକାରଙ୍କ ତରଫରୁ ଆଇରଲଣ୍ଡ ସରକାରଙ୍କ କାର୍ଯ୍ୟ ଦେଖିବା ପାଇଁ ଜଣ୍ଡ୍ୟାଲ ଜଣେ ଲାଟ ସାହେବ ସେଠାରେ ଥାଆନ୍ତି। ମିଷ୍ଟର ମାକନେଇ ନାମରେ ଜଣେ ସାହେବ ଲାଟ ହୋଇଥିଲେ-ସେ ସେଠା ସରକାରଙ୍କର ପକ୍ଷପାତୀ ଥିବାରୁ ଡି ଭେଲେରା ତାଙ୍କୁ ଇଂଲଣ୍ଡ ରାଜାଙ୍କ ସ୍ୱୀକୃତି ସହିତ ବାହାର କରି ତାଙ୍କ ସ୍ଥାନରେ ତାଙ୍କ ଦଳ ପକ୍ଷରୁ ଜଣେ ସାମାନ୍ୟ ଦୋକାନଦାରକୁ ଗଭର୍ଣ୍ଣର ଜେନେରାଲ କଲେ। ବର୍ତ୍ତମାନ ସେ ଦୋକାନଦାର ଲାଟ ଗାଦିରେ ସେଠାରେ ବସିଛନ୍ତି। ଗୋଳମାଳ କିଛି ତୁଟିବାରୁ ନାହିଁ କି ତୁଟିବାର କିଛି ସମ୍ଭାବନା ବି ନାହିଁ।

## ସାନ୍ତାଳ ବିଦ୍ରୋହ

ମାଲଦା ଜିଲାରେ ଭାଟ୍ନ ଝୋଟଙ୍କା ନେତୃତ୍ୱରେ ସେଠା ସାନ୍ତାଳମାନେ ବିଦ୍ରୋହ କରିଥିଲେ। ଜିତୁ ଝୋଟଙ୍କା ନିଜକୁ ଗାନ୍ଧି ନାମରେ ଅବତାର ବୋଲି କହି ଏବଂ ସ୍ୱରାଜ ସ୍ଥାପନ କରି ପ୍ରଚାର କଲେ। ସେମାନେ ଅଦିନା ମସଜିଦକୁ ଅଧିକାର କରି ତାକୁ ତାଙ୍କର ଦୁର୍ଗରେ ପରିଣତ କରିଥିଲେ ଏବଂ ଘୋଷଣା କଲେ ଯେ ସ୍ୱରାଜ ହୋଇ ଗଲାଣି ଏବଂ ଗାନ୍ଧି ବର୍ତ୍ତମାନ ଦେଶର ରାଜା। ସମ୍ବାଦ ପାଇ ମାଲଦା ଜିଲ୍ଲା ମାଜିଷ୍ଟ୍ରେଟ, ପୁଲିସ ସାହେବ ସିପାହି ନେଇ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଗୁଳିରେ ହତ୍ୟା କରି ବାକି ଅନେକଙ୍କୁ ଗିରଫ କରି ନେଇ ଆସିଛନ୍ତି।

# ଶ୍ୱେତାଙ୍ଗ ମହିଳାଙ୍କୁ ଫାସି

## ସ୍ୱାମୀ ହତ୍ୟା ଅପରାଧ

ଜବଲପୁରର ଜଜ ସେସନସ ଜଜଙ୍କ କୋର୍ଟରେ ମିସେସ ରେଟେଗୋ ନାମ୍ନୀ ଏକ ମେମଙ୍କୁ ଏବଂ ଷ୍ଟ୍ରେଟନ ନାମକ ଏକ ସୈନ୍ୟ ବିଭାଗର କର୍ମଚାରୀଙ୍କୁ ଫାସି ହୁକୁମ ହୋଇଛି। ମୋକଦ୍ଦମାର ବିବରଣ ଦେଖାଯାଏ ଯେ ଜବଲପୁରରେ ମିଷ୍ଟର ରେଟେଗୋ ତାଙ୍କ ସ୍ତ୍ରୀଙ୍କ ସହିତ ବାସ କରୁଥିଲେ। ଜବଲପୁରରେ ଥିବା ସୈନ୍ୟ ବିଭାଗର ଅନେକ ସାହେବଙ୍କ ସହିତ ରେଟେଗୋ ପରିବାରର ବିଶେଷ ଘନିଷ୍ଠତା ଥାଏ। ରେଟେଗୋ ସାହେବ ଘରେ ନଥିବା ସମୟରେ ମଧ୍ୟ ଅନେକ ସାହେବ ତାଙ୍କ ଘରକୁ ଯା ଆସ କରନ୍ତି। ମେମ ସାହେବଙ୍କର ଷ୍ଟ୍ରେଟନଙ୍କ ସହିତ ଏଥିରୁ ଘଟଣା ନେଇ ମନାନ୍ତର ଘଟେ। ଷ୍ଟ୍ରେଟନ ସାହେବ ଅବିବାହିତ ଯୁବକ ଏବଂ ଜବଲପୁରରେ ସୈନ୍ୟ ବିଭାଗରେ କାର୍ଯ୍ୟ କରନ୍ତି। ମେମ ସାହେବଙ୍କ ସହିତ ତାଙ୍କର ଘନିଷ୍ଠ ଭାବ। ରେଟେଗୋ ସାହେବ ବିରକ୍ତ ହୋଇ ମେମଙ୍କୁ ଏବଂ ଷ୍ଟ୍ରେଟନଙ୍କୁ ସବୁ ସମ୍ଭାଳି ଚଳିବା ପାଇଁ ଅନେକ ଥର କହିଲେ, ଚେତାଇ ଦେଇଥିଲେ, ଶେଷକୁ ଦିନେ ସକାଳେ ଦେଖାଗଲା ସାହେବ ତାଙ୍କ ଶୋଇବା ଘରେ ପଡ଼ିଛନ୍ତି। ତାଙ୍କ ପିଣ୍ଡରେ ପ୍ରାଣ ନାହିଁ। ପୁଲିସ ତଦନ୍ତ ହେଲା। ସନ୍ଦେହ ହେଲା ମେମଙ୍କୁ ଏବଂ ତାଙ୍କ ପ୍ରେମିକ ଷ୍ଟ୍ରେଟନଙ୍କୁ। ଆନୁଷଙ୍ଗିକ ଘଟଣା ମାନଙ୍କରୁ ମଧ୍ୟ ପ୍ରମାଣ ହେଲା ସେ ସେ ଦୁହେଁ ଦୋଷୀ। ଜଜ ସାହେବଙ୍କର ବିଚାରରେ ପ୍ରେମିକ ପ୍ରେମୀକା ଦୁହିଁଙ୍କ ଫାସିଦଣ୍ଡ ହୁକୁମ ହେଲା।

## ପୁଲିସ ଗୁଣ୍ଡାଯୁଦ୍ଧ

ଶିକାଗୋ ଆମେରିକା ଦେଶରେ ଏକ ବିଶାଳ ସହର। ସେ ସହରରେ ଗୁଣ୍ଡାଙ୍କ ଦୌରାତ୍ମ୍ୟ ବିଶେଷ ଭାବରେ ପ୍ରବଳ। ଗତ ସପ୍ତାହରେ ପୁଲିସ ଏବଂ ଗୁଣ୍ଡାଙ୍କ ମଧ୍ୟରେ ଯୁଦ୍ଧ ଲାଗି ପୁଲିସ ତରଫରୁ ଆଠଜଣ ଆହତ ହୋଇଛନ୍ତି।

## ଭାରତବର୍ଷ ଶିକ୍ଷା ସମ୍ମିଳନୀ ଲାହୋରରେ ହେବ

ଭାରତବର୍ଷର ଅଷ୍ଟମ ବାର୍ଷିକ ଶିକ୍ଷା ସମ୍ମିଳନୀ ଆସନ୍ତା ସପ୍ତାହରେ ଲାହୋରରେ ହେବ, ଡାକ୍ତର ଜିଆଉଦ୍ଦିନ ଅହମଦ ଆଲିଗଡ଼ ବିଶ୍ୱବିଦ୍ୟାଳୟର ଭାଇସ-ଚାନସେଲର ସଭାପତି ହେବେ। ଅଭ୍ୟର୍ଥନା ସମିତିର ସଭାପତି ହୋଇଛନ୍ତି ରାଜା ନରେନ୍ଦ୍ରନାଥ।

## ଦକ୍ଷିଣ ଆଫ୍ରିକା ଅବସ୍ଥା

### ସରକାରଙ୍କ କାର୍ଯ୍ୟରେ ଅସନ୍ତୋଷ

ଦକ୍ଷିଣ ଆଫ୍ରିକା ସରକାରଙ୍କ ପ୍ରଧାନ ମନ୍ତ୍ରୀ ଜେନେରାଲ ହର୍ଜଗଙ୍କ କାର୍ଯ୍ୟ ଏବଂ ନୀତିରେ ସେଠା ଜନସାଧାରଣ ବିଶେଷ ଭାବରେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ବର୍ତ୍ତମାନ ସରକାରକୁ ଭାଙ୍ଗି ନୂଆ ସରକାର ସୃଷ୍ଟି କରିବାପାଇଁ ଅନେକ ବିଶିଷ୍ଟ ଲୋକମାନଙ୍କ ଚେଷ୍ଟା କରୁଛନ୍ତି। ସେଠା ହାଇକୋର୍ଟର ପ୍ରଧାନ ବିଚାରପତି ମିଃ ଟ୍ରେଲମାନ ବୃଷ ସରକାରଙ୍କ ନୀତିରେ ଅସନ୍ତୁଷ୍ଟ ହୋଇ ସରକାର କାର୍ଯ୍ୟରୁ ଇସ୍ତଫା ଦେଇ ନୂଆ ଦଳଗଢ଼ି ସରକାରଙ୍କ ବିପକ୍ଷତା କରିବାପାଇଁ ଉଦ୍ୟମ କରୁଛନ୍ତି।

## ପ୍ରାପ୍ତ

ମହାଶୟ,

କଟକ ଜଜ ହାସ୍ପିଟାଲର ସର୍ବାଙ୍ଗୀନ ଉନ୍ନତି ଚେଷ୍ଟା ହେଉଥିବା ଆପଣ ଅବଗତ ଅଛନ୍ତି। କିନ୍ତୁ ଏହି ଉନ୍ନତି ଚେଷ୍ଟା ରୋଗୀଙ୍କର ପରିଚର୍ଯ୍ୟା ତଥା ଔଷଧ ପଥ୍ୟ ଏବଂ ସ୍ୱାସ୍ଥ୍ୟାନୁକୂଳ ସମ୍ପର୍କିତ ଜିନିଷ ଯୋଗାଇବାରେ ନହୋଇ କେବଳ କୋଠା ବାଡ଼ି ଆଦି ବାହ୍ୟକ ଆଡ଼ମ୍ବରପୂର୍ଣ୍ଣ କାର୍ଯ୍ୟରେ ପର୍ଯ୍ୟବସିତ, ଏହାହିଁ ଦୁଃଖର କଥା। ବର୍ତ୍ତମାନ ହାସ୍ପିଟାଲ ଭିତର ମଇଳାପାଣି ଏବଂ ବର୍ଷା ଜଳ ନିଷ୍କାଶନ ନିମିତ୍ତ ୧୧୦୦୦ଙ୍କା (ଏଗାର ହଜାର ଟଙ୍କା) ଖର୍ଚ୍ଚରେ ଗୋଟିଏ ପକ୍କା ନାଳ ତିଆରି ଗଭର୍ଣ୍ଣମେଣ୍ଟ ମଞ୍ଜୁର କରିଅଛନ୍ତି ଏବଂ କାମ ମଧ୍ୟ ଆରମ୍ଭ ହେଲାଣି। ହାସ୍ପିଟାଲର ପାଇଖାନା ଘରଗୁଡ଼ିକରୁ ମଇଳା ଏବଂ ପାଣି ଯିବାପାଇଁ ମାଟିତଳେ ଡ୍ରେନ ହୋଇଅଛି। ବର୍ତ୍ତମାନ ଯେଉଁ ଡ୍ରେନ୍ ହେବ ତାହା କେବଳ ବାଡ଼ି ପାଣି ବାହାର ଯିବାପାଇଁ। ଏ ପାଣିରେ ସବୁ ରୋଗର ବୀଜାଣୁ ଭରି ନଥିବେକି? ଏହା ହଇଜା ଓ୍ୟାର୍ଡ, କୁଷ୍ଠରୋଗ ଡାକ୍ତରଖାନା ସ୍ଥାନ ଏବଂ ମୁର୍ଦ୍ଦାର କଟା (ଡିସେକସନ୍) ଘର ପାଖ ନର୍ଦ୍ଦମାରୁ ବହି ଆସିବ। ଆଗାମୀ ବର୍ଷାକାଳ ମଧ୍ୟରେ ଏହି ଡ୍ରେନ୍ କାର୍ଯ୍ୟ ଶେଷହୋଇ ସରକାରୀ ବଡ଼ ନାଳ ସହିତ ମିଶିବ। ତଳମାଳ ତଥା ନାଳକୂଳର ଲୋକେ ଏହି ନେଡ଼ାଳରୁ ପାଣି ଖାଇବା ପିଇବାରେ ବ୍ୟବହାର କରନ୍ତି। ଉପରୋକ୍ତ ଡ୍ରେନ ହେଲେ ସେ ପାଣିରେ ରୋଗ ପ୍ରସ୍ତୁତ ହେବ ନାହିଁକି? କେଉଁ ବୁଦ୍ଧିମାନ ଏପରି ବ୍ୟବସ୍ଥା କରନ୍ତି ଜାଣି ହେଉନାହିଁ। ଗଭର୍ଣ୍ଣମେଣ୍ଟ ଏହି ଡ୍ରେନ ମଞ୍ଜୁର କରିବା ପୂର୍ବରୁ ଜନର ସ୍ୱାସ୍ଥ୍ୟ ବିଭାଗ ସହିତ ପରାମର୍ଶ କରିଥିଲେକି?

ଆଉ ଗୋଟିଏ ବିଷୟ। କଟକ ପି. ଡବ୍ଲିଉ, ଡି ଇଲେକ୍ଟ୍ରିକ କଣ୍ଟ୍ରାକ୍ଟର ଯେଉଁମାନେ ହେଉଛନ୍ତି ସେମାନେ ଅଧିକାଂଶ ଓଡ଼ିଆ ନୁହନ୍ତି। ତାହା କଣେ ଅଧେ ଥିଲେ ନାନା ବାହାନା ଦର୍ଶାଇ ସେମାନଙ୍କୁ କାଢ଼ି ଦେଇ ଅନ୍ୟ ଲୋକଙ୍କ ଦିଆଯାଉଛି। ଜଣେ ଦୁଇଜଣ ସ୍ଥିର ଭାବ ହୋଇ ଅଛନ୍ତି। କଟକ କଲେକ୍ଟରି ଅଫିସ ଘର ବଦଳାଇବା ପାଇଁ ୨୧ ହଜାର ଟଙ୍କା ମଞ୍ଜୁର ହୋଇଛି। ପୂର୍ବରୁ ନିଯୁକ୍ତ ଥିବା କଣ୍ଟ୍ରାକ୍ଟର ବାବୁଙ୍କୁ ଗୋଟିଏ ଦୋଷ ଦେଇ ତାଙ୍କ ସେଠି ଅନ୍ୟକୁ ଦିଆଯିବାର ବନ୍ଦୋବସ୍ତ ହେଉଛି। କେବଳ ଗୋଟିଏ ଲୋକ ଦେବାକୁ ଗୋଟାଏ ଅଲଗା ଟେଣ୍ଡର ସର୍ବସାଧାରଣରେ ନିଆ ହୋଇଛି ମାତ୍ର। ଏହି ଅନୁଚିତ ଦେଖାଇବା ଭାବ ଏବଂ ପକ୍ଷପାତିତା ଯୋଗୁଁ ଓଡ଼ିଶାର ଓ ଓଡ଼ିଆର ବହୁତ କ୍ଷତି। ଆମ ମାଷ୍ଟର ଗୋଟେଇଁ ସବୁଠି ବାଁଇ ବାଁଇ ହେଉଥିବା ବାହାରିଆ ମାନେ ଏଥିରୁ ଯଥେଷ୍ଟ ଲାଭ ଲୁଟି ପରିବାର ଚାକରେ ଠେଲିଦେଇ ଖୋଷାଉଛନ୍ତି। ଏଣୁ ଏ ଦୁଇଟି ବିଷୟ ଆପଣଙ୍କ ପତ୍ରିକା ମାରଫତରେ ପ୍ରକାଶ କରି ମୁଁ କର୍ତ୍ତୃପକ୍ଷ ତଥା ଯୁବକ ବାବୁ ଉମେଶଙ୍କର ଦୃଷ୍ଟି ଆକର୍ଷଣ କରେ। ସେ ବାହିଁ କହିଲେ ଏକଥା ଉଠାଇବେକି?

କଟକ ତା ୨୮।୧୨।୩୨ } ବଶମ୍ବଦ ଶ୍ରୀ ନଗେନ୍ଦ୍ର କୁମାର ଘୋଷ।

Split by PDF Splitter
Digitized by srujanika@gmail.com

୪୦ **ବିଜ୍ଞାପନ** ୧।୧।୩୩

ସେତୁଗୁଡ଼ିକ ସମ୍ବାଧାରଣଙ୍କ ଜଣାଉ ଅଛି ଯେ କଟକ ଡିଷ୍ଟ୍ରିକ୍ଟବୋର୍ଡ ଅଧୀନସ୍ଥ ପକ୍କାରାସ୍ତା ଗୁଡ଼ିକରେ ସନ ୧୯୩୩-୩୪ ସାଲ ଜମାଦାର ମରାମତି ଫାଇଁ ଲକ୍ଷାଦାର ଟେଣ୍ଡର ତା ୧୭।୧।୧୯୩୩ ଅପରାହ୍ନ ଟ ୪ ଘଣ୍ଟା ପର୍ଯ୍ୟନ୍ତ ଗୃହୀତ ହେବ। ଟେଣ୍ଡର ଦାଖଲ ସମ୍ବନ୍ଧରେ ସବିଶେଷ ବିବରଣ ତା ୧୫।୧୨।୧୯୩୨ ତାରିଖ "କଟକ ଡିଷ୍ଟ୍ରିକ୍ଟବୋର୍ଡ ଗେଜେଟ୍ରେ" କଟକ ଡିଷ୍ଟ୍ରିକ୍ଟ ଇଞ୍ଜିନିୟରଙ୍କ ଅଫିସରୁ ଓ ସବ-ଓଭରସିୟରଙ୍କ ଅଫିସରୁ ବୁଝିପାରିବେ।

ଡିଷ୍ଟ୍ରିକ୍ଟ ଇଞ୍ଜିନିୟର ଅଫିସ

ତା ୨୦।୧୨।୧୯୩୨

Offg. District Engineer,
Cuttack

---

## ନିଲାମ ଇସ୍ତାହାର

ନ ୪୨୮ ମକ ଉତ୍କଳଜାରି ସନ ୧୯୩୨ ମସିହା

ଦ୍ଵିତୀୟ ପ୍ରଥମ ମୁନସିଫି କଟକ

ଶ୍ରୀ ଉପେନ୍ଦ୍ର ନାଥ ଓଗେର ଡିଃ

କଣେଇ ଚାରଣ ଦେଃ

ଉପରୁକ୍ତ ସମ୍ପତ୍ତି ତା ୧୬।୧।୩୩ ତାରିଖ ନିଲାମହେବ

୧। ଥାନା ସଦର ଗ୍ରା ... ମୌଃ ... ଭୋଗଦଖଲରେ ଥିବା ଜମା ... ଓଗେରଙ୍କ ନାମରେ ନ ୧୩୨ ମକ ଖାତା ... ଡିଃ ରୁ ଜମା ଟ ... ମୂଲ୍ୟ ଟ ୧୦୦୦

୨। ଥାନା ଗ୍ରା ମୌଃ ... ଭୋଗଦଖଲରେ ଥିବା ନ ୨୩୨ ମକ ଖାତା ଡିଃ ... ଡିଃ ରୁ ଜମା ଟ ... ଆଃ ମୂଃ ଟ ୨୦୦

---

ନ ୩୪୨ ମକ ଜାରି ସନ ୧୯୩୨ ମସିହା

ଶ୍ରୀ କେନ୍ଦ୍ରାପଡ଼ା ମୁନସିଫି

ଲକ୍ଷ୍ମୀନାରାୟଣ ଡିଃ

ଗୋପିନାଥ ଦେଃ

ନିଲାମ ଫର୍ଦ୍ଦ

ଡିକ୍ରିଦାରଙ୍କ ପାଉଣା ... ଟଙ୍କା ଅଦାୟ ନିମନ୍ତେ ଉପରୁକ୍ତ ସମ୍ପତ୍ତି ତା ୧୬।୧।୩୩ ତାରିଖ ନିଲାମହେବ

୧। ... ମୌଃ ... ଭୋଗଦଖଲରେ ଥିବା ... ନାମରେ ... ନ ୯୯ ମକ ଖାତା ଡିଃ ... ଡିଃ ରୁ ଜମା ... ଆଃ ମୂଃ ଟ ୨୦୦

୨। ଅନ୍ୟ ଅଧିକାର ଉପରୋକ୍ତ ... ଭୋଗଦଖଲରେ ଥିବା ନ ୧୧୯ ମକ ଖାତା ... ଡିଃ ... ରୁ ଜମା ଟ ... ଆଃ ମୂଃ ଟ ୨୦୦

---

ନ ୧୦୬୩ ମକ ଉତ୍କଳଜାରି ସନ ୧୯୩୨ ମସିହା

କଟକ ମୁଃ ୨ୟ ମୁନସଫି ଅଦାଲତ

ବାବୁ ... ଘୋଷ ସାଃ ... ସାକୁ କଟକ ବାଦୀ ଡିଃ

ବାବୁ ... ସାଃ ... ଗ୍ରାମ ... ଦେଃ

ଡିକ୍ରିଦାରଙ୍କ ପାଉଣା ... ଓଗେର ଟଙ୍କା ଅଦାୟ ଅର୍ଥେ ଦେଣଦାରଙ୍କର ନିମ୍ନଲିଖିତ ସମ୍ପତ୍ତି ତା ୧୬।୧।୩୩ ତାରିଖ ନିଲାମହେବ

୧। କଟକ ଜିଲ୍ଲା ଅନ୍ତର୍ଗତ ... ଓ ସବରେଜିଷ୍ଟ୍ରି ଗ୍ରାମ ... ନ ୭୫୬ ମକ ... ନ ୭୨୮ ମକ ଥାନା ମୌଃ ... ଭୋଗଦଖଲରେ ଥିବା ... ନାମରେ ... ନ ୧୪୬ ମକ ଖାତା ଡିଃ ... ୦—୫୭ ଡିଃ ଜମି ଓ ... ଆଃ ମୂଃ ଟ ୩୫୦

୨। ଉପର ଲିଖିତ ଥାନା ଓ ସବରେଜିଷ୍ଟ୍ରି ଗ୍ରାମ ... ନ ୭୨୧ ମକ ... ନ ୭୨୪ ମକ ଥାନା ମୌଃ ... ଭୋଗଦଖଲରେ ଥିବା ... ନ ୧୨୩ ମକ ଖାତା ଡିଃ ... ୦—୬୫ ରୁ ଜମା ଟ ... ଆଃ ମୂଃ ଟ ୫୦୦

୩। ଉପର ଲିଖିତ ଥାନା ସବରେଜିଷ୍ଟ୍ରି ... ନ ୭୨୭ ମକ ... ନ ୭୨୭ ମକ ଥାନା ମୌଃ ... ଭୋଗଦଖଲରେ ଥିବା ନ ୧୯୧ ମକ ଖାତା ଡିଃ ... ୦—୨୭ ରୁ ଅଦାୟ ଜମା ... ଆଃ ମୂଃ ଟ ୫୦୦

୪। ଉପର ଲିଖିତ ଥାନା ଓ ସବରେଜିଷ୍ଟ୍ରି ... ନ ୭୨୭ ମକ ... ନ ୭୨୨ ମକ ଥାନା ମୌଃ ... ଭୋଗଦଖଲରେ ଥିବା ... ନ ୧୨୩ ମକ ଖାତା ଡିଃ ... ୦—୩୮ ଡିଃ ରୁ ଜମା ... ଆଃ ମୂଃ ଟ ୨୦୦

୫। ଉପର ଲିଖିତ ଥାନା ସବରେଜିଷ୍ଟ୍ରି ... ନ ୭୨୨ ମକ ... ନ ୭୨୨ ମକ ଥାନା ମୌଃ ... ଭୋଗଦଖଲରେ ଥିବା ... ନ ୧୪୧ ମକ ଖାତା ଡିଃ ... ୦—୭୨ ରୁ ଅଦାୟ ଜମା ... ଆଃ ମୂଃ ଟ ୨୦୦

୬। ଉପର ଲିଖିତ ଥାନା ଓ ସବରେଜିଷ୍ଟ୍ରି ... ନ ୭୨୧ ମକ ... ନ ୭୨୭ ମକ ଥାନା ମୌଃ ... ଭୋଗଦଖଲରେ ଥିବା ... ନ ୧୨୨ ମକ ଖାତା ଡିଃ ୦—୭୨ ରୁ ଅଦାୟ ଜମା ... ଆଃ ମୂଃ ଟ ୩୫୦

---

ନ ୩୭୪ ମକ ଡିକ୍ରିଜାରି ସନ ୧୯୩୨ ମସିହା

କଟକ ମୁଃ ପ୍ରଥମ ମୁନସଫଙ୍କ ଅଦାଲତରେ

ନିମ୍ନଲିଖିତ ସମ୍ପତ୍ତି ତା ୧୬।୧।୩୩ ତାରିଖ ନିଲାମହେବ

ବୃନ୍ଦାବନ ... ସାଃ ... ଗ୍ରା ... ବାଦୀ ଡିଃ

... ପ୍ରତିବାଦୀ ଦେଃ

ତା କଟକ ... ଓ ... ଥାନା ... ନ ୩୦୬୭ ମକ ... ମୌଃ ... ଭୋଗଦଖଲରେ ଥିବା ... ନ ୧ ମକ ... ନ ୪୫ ମକ ଖାତା ଡିଃ ... ୦—୬୧ ଡିଃ ରୁ ଜମା ... ମଧ୍ୟରୁ ନ ୧ ମକ ... ଡିଃ ... ରୁ ୦—୧୪ ଡିଃ ରୁ ଜମା ... ଡିଃ ... ୦—୨୯ ଡିଃ ରୁ ଜମା ... ୦—୨୪ ଡିଃ ... ଓ ... ଆନୁମାନିକ ମୂଲ୍ୟ ଟ ୫୦୦

---

ନ ୩୫୧ ମକ ଡିକ୍ରିଜାରି ସନ ୧୯୩୨ ମସିହା

ଶ୍ରୀ କଟକ ମୁନସିଫ ପ୍ରଥମ ମୁନସଫଙ୍କ ଅଦାଲତ

ନିମ୍ନଲିଖିତ ସମ୍ପତ୍ତି ତା ୧୬।୧।୩୩ ତାରିଖ ନିଲାମହେବ

... ଡିଃ

... ଦେଃ

୧। ଥାନା କଟକ ସଦର ... ଗ୍ରା ... ନ ୧୦୦୬ ମକ ... ମୌଃ ... ଭୋଗଦଖଲରେ ଥିବା ନ ୨୬୨ ମକ ଖାତା ଡିଃ ... ୦—୪୧ ଡିଃ ରୁ ଜମା ... ଆଃ ମୂଃ ଟ ୨୦୦

୨। ଗ୍ରା ... ନ ୩୩୦ ମକ ... ମୌଃ ... ଭୋଗଦଖଲରେ ଥିବା ... ନ ୭୦୧ ମକ ଖାତା ଡିଃ ... ୦—୧୧ ଡିଃ ... ୦—୦୫ ଡିଃ ରୁ ଜମା ... ଆଃ ମୂଃ ଟ ୩୦

୩। ଗ୍ରା ... ମୌଃ ... ଭୋଗଦଖଲରେ ଥିବା ନ ୬୧୯ ମକ ଖାତା ଡିଃ ... ୦—୩୭ ଡିଃ ରୁ ଜମା ... ଆଃ ମୂଃ ଟ ୩୦



Digitized by srujanika@gmail.com

# ଭାରତମନ୍ତ୍ରୀ ସାର୍ ହୋରଙ୍କ ଘୋଷଣା

## ଓଡ଼ିଶା, ସିନ୍ଧୁ ସ୍ୱତନ୍ତ୍ର ପ୍ରଦେଶ ହେବ

ଲଣ୍ଡନ, ତା ୨୪ ୧୨ ୩୨

ଇଂରେଜ ସରକାର ପକ୍ଷରୁ ସାର ସାମୁଏଲ ହୋର ଘୋଷଣା କଲେ—ଗୋଲଟେବୁଲରେ ଆମେ ଯେ ଭବିଷ୍ୟତ ପୂର୍ଣ୍ଣ ଗଢ଼ିବାପାଇଁ ଉଦ୍ୟୋଗ କରିଥିଲୁଁ ତା କାମ ଅତି ସରୁଛି। ଆମ ଉଦ୍ୟମ ବିଫଳ ହୋଇ ନାହିଁ। ଆମର ଗୋଲଟେବୁଲକୁ ଅନୁକରଣ କରିବା ପାଇଁ ଆମେରିକା ଚେଷ୍ଟା କଲାଣି। ଫିଲିପାଇନକୁ ସ୍ୱାଧୀନତା ଦବା ବିଷୟରେ ଆମେରିକାର କଂଗ୍ରେସ ପ୍ରତିନିଧି ଆସି ମୋଠାରୁ ଏ ଗୋଲଟେବୁଲର କାର୍ଯ୍ୟପ୍ରଣାଳୀ ଓ ଖୁବ ବୁଝିଗଲେ। ଅନୁକରଣଠାରୁ ବଳି ଆଉ ଅଧିକ ତୋଷାମଦ ଆଉ ଅଛି କି? ଆମେରିକା ଯେ ଆମକୁ ଅନୁକରଣ କରୁଛି ଏଥିର କାରଣ ସେ ଆମ କାମକୁ ପସନ୍ଦ କରୁଛି ବୋଲିତ। ଆମେ କଣ କଲେଇଁ ଆଜି ସେହି କଥା କହୁଛି। ପରେ କଣ କରିବା ସେ କଥା ପରେ କହୁଛି। ଆଗର କାର୍ଯ୍ୟ ଆମର ସାହାଳିଆ ଯାଇ ନାହିଁ। ଆମେ କାର୍ଯ୍ୟରେ ହାତ ଦେଇ ଖାଲି କାଗଜ ପତ୍ରରେ ଶାସନ ଗଢ଼ୁ ନ ଥାଇଁ। ଆମ ସମସ୍ୟା ବଡ଼ କଠିନ ସମସ୍ୟା। ଆମେ ଜାତୀୟ ଦଳ। ଏକ ପକ୍ଷରେ ଆମ ଇଂଲଣ୍ଡ ବା ଇଂରେଜ ରାଜ୍ୟ, ଦ୍ୱିତୀୟରେ ଆମ ଗାସ ଭାରତ ରାଜ୍ୟ, ତୃତୀୟରେ ଦେଶୀୟ ଲୋକ ରାଜ୍ୟ। ଏ ତିନୋଟି ଯେଉଁ ସୂତ୍ରରେ ବାନ୍ଧି ଥିଲେଇଁ ସେ ପୁରୁଣା ହୋଇ ଯିବାରୁ ଆଜି ଗୋଟିଏ ନୂଆ ଭିତ୍ତିରେ ବାନ୍ଧିବାର ଚେଷ୍ଟା କରୁଥାଇଁ।

ପ୍ରଥମ ଗୋଲଟେବୁଲରେ ସ୍ଥିର ହେଲା ଯେ ଭାରତୀୟ ଫେଡେରେସନ ହେବ ନୂଆ ଭିତ୍ତି ହେବ। ସେ ଭିତ୍ତି ଏପରି ଯେ ପ୍ରତ୍ୟେକ ପକ୍ଷର ସ୍ୱାର୍ଥରକ୍ଷା ପାଇଁ ତା ଭିତରେ ସ୍ଥାନ ଓ ବଣ୍ଟନ ରହିଥିବ ଅଥଚ ସମସ୍ତେ ଏକା ଦେଶରେ ବନ୍ଧା ହୋଇଥିବେ। ଇଂରେଜ ସାମ୍ରାଜ୍ୟରେ ଏହା ଏକ ନୂଆ କଥା ହେବ। ଏଥିପାଇଁ ଦୁଇଟି ଲୋକଙ୍କ ଧନ-ଧାନ୍ୟ ଦରକାର ଅଛି। ରାଜାମାନଙ୍କ ପକ୍ଷରୁ ବିକାନେର ରାଜା ପ୍ରଥମେ ଏହା ସପକ୍ଷରେ ମତ ଦେଲେ। ତାପରେ ସାର୍ ତେଜବାହାଦୁର ସାପ୍ରୁ। ଫେଡେରେସନ ମଜଲିସ ସାର୍ ସାପ୍ରୁ ସର୍ବପ୍ରଥମେ ଯେପରି ବୁଝିଲେ ଆଉ କେହି ସେପରି ବୁଝି ନ ଥିଲେ। ଆମେ ସମସ୍ତେ ଏପର୍ଯ୍ୟନ୍ତ କେନ୍ଦ୍ରୀୟ ଶାସନ ଅଧୀନରେ ଥାଇଁ। କେଣ୍ଡ ଫେଡେରେସନ ଶାସନର ପରିଣାମ କଣ ବୁଝି ପାରୁ ନ ଥାଉଁ। ସେତେବେଳେ ଆମ ଲଣ୍ଡନର ଗୃହଅନ୍ତରେ ଫେଡେରେସନ କ’ଣ ଜାଣିବା ପାଇଁ କମିଟି ବହୁ ବୈଠକୀ ହେଲା ଓ ଅଠପହରା ଚାଲିଲା। ସାର ସାପ୍ରୁଙ୍କ ବିଶେଷ ଭାବରେ ଏ କଠିନ ଜଟିଳ ସମସ୍ୟା ବିଷୟରେ ସାହାଯ୍ୟ କଲେ ଏହା କମ ଭାଗ୍ୟର କଥା ନହେ। ଦ୍ୱିତୀୟ ବୈଠକୁ ଦୁର୍ଭାଗ୍ୟ!

ପ୍ରଥମ ସମ୍ମିଳନୀରେ ଏ ବିରାଟ ଫେଡେରେସନ ଭାବ ଜନ୍ମିଲା। କିନ୍ତୁ ଦ୍ୱିତୀୟ ସମ୍ମିଳନୀ ବେଳକୁ ବହୁତ ବାଧାବିଘ୍ନ ଜାହାରିଲା। ସେତେବେଳକୁ ପୃଥିବୀର ଆର୍ଥିକ ଅବସ୍ଥା ଖରାପ ହୋଇ ଆସିଲା। ସେଥିରୁ ତେଣେ ଆମ ଦେଶରେ ଶାସନପରିଷଦ ଭାଙ୍ଗି ନୂଆ ହେଲା। ଫଳରେ ଆଲୋଚନାରେ ବହୁତ ବାଧା ଜନ୍ମିଲା। କିନ୍ତୁ ସବୁଠାରୁ ବେଶି ବାଧା ହେଲା ସାମ୍ପ୍ରଦାୟିକ ସମସ୍ୟା। ସବୁ ବାଧାବିଘ୍ନ ତୁଟେଇବାକୁ ଚେଷ୍ଟାକଲେ ଏ ବାଧା ଆଜି ତୁଟେଇ ହେଉ ନାହିଁ। ତେବେ ସେ ସମ୍ମିଳନୀ ଫଳରେ ଏତିକି ହେଲା ଯେ ତିନୋଟି ଅନୁସନ୍ଧାନ କମିଟି ବସି ପାରିଲା।

୧—ଲୋଥିଅନ ଭୋଟ କମିଟି, ୨—ଡେଭିଡ଼ସନଙ୍କ ଦେଶୀୟ ରାଜ୍ୟ କମିଟି, ୩—ଫେଡେରେଲ ଅର୍ଥ ବିଭାଗ କମିଟି। ଏ ରିପୋର୍ଟ ପରେ ଆମ ବିଲାତ ସରକାର ସାମ୍ପ୍ରଦାୟିକ ଭାଗ ବାଣ୍ଟି ଦେବା ପାଇଁ ସୁବିଧା ପାଇଲେ। ଏ କମିଟି ରିପୋର୍ଟ ନ ବାହାରିଥିଲେ ଓ ସାମ୍ପ୍ରଦାୟିକ ଭାଗବଣ୍ଟା ନ କରି ଦେଇଥିଲେ ଏ ବର୍ଷ ଏ ଆଲୋଚନା ଆଉ ସମ୍ଭବ ହୋଇପାରି ନଥାନ୍ତା।

### ରାଷ୍ଟ୍ର ସରକାରର ଅର୍ଥ ବିଭାଗ

ଫେଡେରେଲ ସରକାରର ଅର୍ଥବିଭାଗ ନେଇ ବହୁତ ବାଧାବିଘ୍ନ ଉଠିଗଲା। ଆମର ଦୁର୍ଭାଗ୍ୟ ଯେ ବଡ଼ ଅସମୟଟାରେ ଆମର ଏ କଥାବାର୍ତ୍ତା ଚାଲିଲା। ପୃଥିବୀରେ ସବୁ ରାଜ୍ୟରେ ବର୍ତ୍ତମାନ ଟଙ୍କାର ଅଭାବ। ତଥାପି ଆମର କାମ ତ ତମ ଅଟକିଲା ନାହିଁ। ଅବଶ୍ୟ ଆହୁରି ଅନେକ ବାଧାବିଘ୍ନ ରହିଛି। ଭାରତ ଫିଲ୍ ଏଥିର ଅସଲ କର୍ତ୍ତା। ତାଙ୍କର ଯୋଗୁଁ ଆମେ ଏତେଦୂର ଆଗେଇଲେ। ପୁଣି ଭବିଷ୍ୟତରେ ଆଉ ଆଉ ବାଧାବିଘ୍ନ ବିଷୟ ଉଠିବ। ଭାରତ ସରକାର ଓ ଭିନ୍ନ ଭିନ୍ନ ପ୍ରାଦେଶିକ ସରକାର ସଙ୍ଗେ କଥାବାର୍ତ୍ତା କରି ପୁଣି ବିଚାର କରାଯିବ।

ଭାରତ ବ୍ୟବସ୍ଥା ସଭାର ସଭ୍ୟ ସଂଖ୍ୟା କେତେ ଓ କାହାର ସ୍ଥାନ କେତେ ହେବ ସେ ବିଷୟରେ ବହୁତ ମତଭେଦ ରହିଲା। ପୁଣି ଦେଶୀୟ ରାଜ୍ୟ ଭିତରୁ ଯାଉ କରି ଦେଶୀୟ ରାଜ୍ୟ ଭିତରେ ମତଭେଦ ରହିଲା। ପୁଣି ରାଜନ୍ୟ ମଣ୍ଡଳୀରେ ଥିବା ବାହାର ଦେଶୀୟ ରାଜ୍ୟ ଭିତରେ ମତଭେଦ ରହିଲା। ଏ ମତଭେଦ ମେଣ୍ଟି ଯାଇଥିଲେ ଭଲ ହୋଇଥାନ୍ତା। ଆଶାକରେ ନିକଟ ଭବିଷ୍ୟତରେ ଏହା ମେଣ୍ଟି ଯାଇପାରିବ। ସରକାର ପକ୍ଷରୁ ମୁଁ ଏତିକି କହିବି ଯେ ବ୍ୟବସ୍ଥାସଭାର ଆକାର ଯାହାହେଉ ତା ବାହାରେ ଏଥିର ପ୍ରତିନିଧି ନିର୍ବାଚନପାଇଁ ସଂଙ୍କଗଢ଼ିବାକୁ ହେବ। ଭାରତରେ ଏ ବିଷୟରେ ଆଲୋଚନା ହେବ। ଯଦି ଭାରତ ଲୋକେ ଏହା ନ କରିପାରନ୍ତି ତେବେ ଆମ ବିଲାତ ସରକାର ଏହା କରିଦେବେ। ତାଙ୍କରେ ଏହାର ନିଷ୍ପତ୍ତି ନ ହେଲେ କାର୍ଯ୍ୟରେ ବହୁତ ବାଧା ଆସିବ।

### ମସଲିମାନଙ୍କ ଭାଗ କେତେ?

ଫେଡେରେଲ ବ୍ୟବସ୍ଥା ସଭାରେ ବାହାର ସମ୍ପ୍ରଦାୟର ଭାଗ କେତେ ରହିବ ଏ ଗୋଟିଏ ସମସ୍ୟା ବିଶେଷତଃ ମୁସଲମାନଙ୍କ ଭାଗ କେତେ ରହିବ ଏ ହେଉଛି ଗୁରୁତର କଥା। ମୁଁ ଆଗରୁ ସୂଚନା ଦେଇଥିଲି ଏବଂ ଏବେ ମଧ୍ୟ ସ୍ଥିର କରି କହୁଛି ଯେ ଆମ ସରକାରର ମତ ମୁସଲମାନଙ୍କପାଇଁ ଶତକଡ଼ା ୩୩ ଭାଗ ସ୍ଥାନ ସ୍ଥିର କରି ଦେବେ। ଦେଶୀୟ ରାଜ୍ୟମାନଙ୍କ ଭିତରୁ ମୁସଲମାନ କେତେ ସ୍ଥାନ ପାଇବେ ସେ ବିଷୟରେ ଦେଶୀୟ ରାଜ୍ୟମାନେ ବାଛି ସ୍ଥିର କରିଦେବେ। ତେବେ ସରକାରର ଶତକଡ଼ା ଏକ ତୃତୀୟାଂଶ ରଖିବାକୁ ପଡ଼ିଲେ ସରକାର ସେ କଥା ଭଲେ କରିଦେବେ। ଏକଥା ମୁଁ ବହୁ କହୁଛି ଯେ ଏଥିପାଇଁ କାର୍ଯ୍ୟ ବନ୍ଦ ହେବାକୁ ବସିଲେ ସରକାର ଯାହା କରିବା ଦରକାର କରିଦେବେ। ଏ ସବୁ ବାଧା ବିଘ୍ନକୁ ଦେଖି ଗାନ୍ଧୀଙ୍କ କଂଗ୍ରେସ ଲୋକେ ଯୋଗ ଦେଇ ନାହାନ୍ତି ବୋଲି ଅନେକେ ଆଶଙ୍କା କରୁଛନ୍ତି। ସାର ସାପ୍ରୁ ସେଥିପାଇଁ କହୁଛନ୍ତି ଯେ କଂଗ୍ରେସଙ୍କ ପାଇଁ ଗୋଟିଏ ସମ୍ମାନ ନିର୍ଦ୍ଦେଶ କରି ଦିଆଯାଉ। ସେ ଅବଶ୍ୟ କହୁଛନ୍ତି ଏବଂ ଜୋରଦେଇ ଭାବରେ କହୁଛନ୍ତି ଯେ ସରକାର ଯଦି ଚାହାନ୍ତି ସେ ତାଙ୍କୁ ପୁଣି ଫେରାଇ ଦେଇ ପାରିବେ। କଂଗ୍ରେସ ବାହାରେ ରହିବ ଏକଥା ଆମର କଦାପି ଇଚ୍ଛା ନୁହେଁ।

### ସିନ୍ଧ ଓ ଓଡ଼ିଶା ସମସ୍ୟା

ଶେଷରେ ସିନ୍ଧ ଓ ଓଡ଼ିଶା ବିଷୟରେ ମୁଁ ସରକାରର ମତ ଜଣାଉଛି। ଗଣ୍ଡି ଭୁଲ କରି ହେଲା ନୂଆ ନୂଆ ପ୍ରଦେଶ ଗଢ଼ିବା କଥା ଆଲୋଚନା ଚାଲିଛି। ବମ୍ବେରୁ ପୃଥକ ହୋଇ ସିନ୍ଧକୁ ଅଲଗା କରିବା କଥା ଏହି ସମ୍ମିଳନୀରେ ବିଚାର ହେଲାଣି। ଓଡ଼ିଶାକୁ ଅଲଗା କରିବା କଥା ଗଲା ବର୍ଷ ହେଲା ବିଶେଷ ଭାବରେ ଆଲୋଚନା ହୋଇଛି। ଏଥିମଧ୍ୟରେ ବିଶେଷଜ୍ଞ କମିଟିମାନ ନିଯୁକ୍ତ ହୋଇ ସେ ବିଷୟରେ ରିପୋର୍ଟ ଦେଇଛନ୍ତି। ସେ ଅନୁସନ୍ଧାନ କମିଟିର ରିପୋର୍ଟ ଉପରେ ବିଚାର କରି, ବିଶେଷତଃ ଭାରତ ଏବଂ ଇଂଲଣ୍ଡରେ ଯେ ମତର ଏକତା ପ୍ରକାଶ ପାଇଛି ତା ଉପରେ ନିର୍ଭର କରି ଆମ୍ଭେମାନେ ନିଶ୍ଚୟ ରୂପେ ସ୍ଥିର କରିଲୁଣି ଯେ ସିନ୍ଧ ଓ ଓଡ଼ିଶା ଦୁଇଟି ସ୍ୱତନ୍ତ୍ର ପ୍ରଦେଶ ହେବ। ଅବଶ୍ୟ କି ସୂତ୍ରରେ ଏହା କରାଯିବ ଏବଂ ଏହାର ଶାସନ କିପରି ହେବ ସେ ବଡ଼ ଜଟିଳ ସମସ୍ୟା। ଉଦାହରଣ ସ୍ୱରୂପ ଓଡ଼ିଶାର ସୀମା ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଆଲୋଚନା ହୋଇ ସ୍ଥିର ହୋଇନାହିଁ। ମାତ୍ର ଏ କଥା ନିଶ୍ଚୟ ଯେ ଯେତେବେଳେ ଭାରତ ଫେଡେରେସନ ଗଢ଼ାଯିବ ସେତେବେଳେ ସିନ୍ଧ ଓ ଓଡ଼ିଶା ଦୁଇଟି ସ୍ୱତନ୍ତ୍ର ପ୍ରଦେଶ ରୂପେ ଫେଡେରେସନରେ ଯୋଗଦେବେ।

### ଆମର ହାତରେ ଚାବି ରହିବ

ବର୍ତ୍ତମାନ ଶାସନ ସଂସ୍କାର ବିଶେଷ ସମସ୍ୟା ନେଇ ମୁଁ କେତେକ କଥା କହିବି। ଯେଉଁ ବିଷୟରେ ଇଂଲଣ୍ଡ ବିଶେଷ ଚିନ୍ତିତ ଏବଂ ଭାରତର କେତେକ ସମ୍ପ୍ରଦାୟ ବିଶେଷ ଚିନ୍ତିତ ସେହି କଥା ନେଇ କହିବି। ସେହି ହେଉଛି ହାତର ଚାବି ବା କଣ୍ଟ୍ରୋଲ। ମୁଁ କହୁ ରଖୁଛି ଏ ହାତର ଚାବି ଏକାବେଳକେ ପଥରର କାନ୍ଥ ନୁହେଁ। ତାକୁ ଏକାବେଳକେ ଏହା ବନ୍ଦ କରି ଦେଉନାହିଁ। ତାଙ୍କ ଦପ୍ତରରେ ଯେପରି କଣ୍ଟାକାନ୍ଥ ଦେଇ ରଖାଯାଇଥାଏ, ଏ ଚାବିକାଠି ବା ହାତରେ ପାଞ୍ଚ ଭାରତ ଲୋକଙ୍କ ପକ୍ଷରେ ସେହିପରି କଣ୍ଟାକାନ୍ଥ ହୋଇ ରହିବ। ହେଉଁ ମଢ଼ିକରେ ସିଡ଼ା ପାଇଁ ବାଟ ରଖାଯିବ ତାର ଉପରେ ଯେପରି ଭଲ ଗାଡ଼ି ଚଳିବ ରାସ୍ତା ରଖାଏ, ତାକୁ ଯେପରି କେବେ ସ୍ପର୍ଶ କରେ ନାହିଁ, ସେହିପରି ଭାରତର ଶାସନ ଯେ ଚଳାଇବ ସେ ଏ କଣ୍ଟାକୁ ସ୍ପର୍ଶ କରିବେ ନାହିଁ। ଅଙ୍କାର ସ୍ଥିତରେ ଉଭୟ ପକ୍ଷ ଗାଡ଼ିରେ ଖସି ପଡ଼ିବେ ନାହିଁ ବୋଲି ଯେପରି ଏ କାନ୍ଥ ଦିଆଯାଇ ଥାଏ, ଏ ହାତରେ ପାଞ୍ଚ ବା କଣ୍ଟାକାନ୍ଥ ସେହିପରି ରକ୍ଷ-

